## ସରକାରୀ ଜମି ଜବରଦଖଲ ଅଭିଯୋଗ



ବଇଣ୍ଡା,୧୮।୨(ଡି.ଏନ.ଏ.) ଅନୁଗୋଳ ଜିଲା କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ ନୁନୁକାପଶି ଅଞ୍ଚଳରେ ଥିବା ସରକାରୀ ଜମିଗୁଡ଼ିକୁ କିଛିଦିନ ହେବ ଜବରଦଖଲ କରାଯାଉଥିବା ଶୁକ୍ରବାର ବଇଣ୍ଡା ଗ୍ରାମବାସୀ ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଦର୍ଶାଇଛନ୍ତି, କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ବଇଣ୍ଡା ପଡୁଥିବାରୁ ବାହାର ଅଞ୍ଚଳର ଲୋକ ଏଠାରେ ଜମି କିଣି ଘର କରିବାକୁ ଚାହୁଁଛନ୍ତି। ତେଣୁ ବଇଣ୍ଡା ଓ ଏହାର ଆଖପାଖ ଅଞ୍ଚଳରେ ଜମି ମାଫିଆମାନେ ସକ୍ରିୟ ହୋଇଉଠିଛନ୍ତି। ବଇଣ୍ଡା ସାପ୍ତାହିକ ହାଟ ହେଉଥିବା ଏକ ସରକାରୀ ଜମିକୁ ଜବରଦଖଲ କରାଯାଇଛି। ଉକ୍ତ ଜମି ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ପାଇଁ ରଖାଯାଇଥିବା ବେଳେ ସେଠାରେ ରାତାରାତି ଘର ନିର୍ମାଣ କରାଯିବାର ଯୋଜନା ହେଉଛି। ତେଣୁ ତୁରନ୍ତ ବ୍ଲକ ପ୍ରଶାସନ ଜମି ଜବରଦଖଲକାରୀଙ୍କ ବିରୋଧରେ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ କିଶୋରନଗର ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର କହିଛନ୍ତି, ବଇଣ୍ଡାରେ ସରକାରୀ ଜମି ଜବରଦଖଲକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ୨୨ ସଂକ୍ରମିତ, ୭୯ ସୁସ୍ଥ

ଅନୁଗୋଳ ଅଫିସ, ୧୮।୨

ଅନୁଗୋଳ ଜିଲାରୁ ଶୁକ୍ରବାର ୨୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୮ ହଜାର ୩୩୦ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକ ଅଞ୍ଚଳରୁ ୬ଜଣ, ଅନୁଗୋଳ ବ୍ଲକ ଅଞ୍ଚଳରୁ ୫, କିଶୋରନଗର ବ୍ଲକ ଅଞ୍ଚଳରୁ ୩, ପାଲଲହଡା ବ୍ଲକ ଅଞ୍ଚଳରୁ ୩, କଣିହାଁ ବ୍ଲକ ଅଞ୍ଚଳରୁ ୨, ଆଠମଲ୍ଲିକ ବ୍ଲକ ଅଞ୍ଚଳରୁ ୧, ବଣ୍ଠିଆପାଳ ବ୍ଲକ ଅଞ୍ଚଳରୁ ୧ ଓ ଅନୁଗୋଳ ପୌରାଞ୍ଚଳରୁ ଜଣେ ରହିଛନ୍ତି। ଲକ୍ଷଣଯୁକ୍ତ ଆକ୍ରାନ୍ତଙ୍କୁ ନିଜ ଘରେ ସଙ୍ଗରୋଧରେ ରଖାଯାଇ ନିରୀକ୍ଷଣ କରାଯାଉଛି ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି। ସେହିପରି ଦିନକରେ ଜିଲାରୁ ୭୯ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ୪୧୫ ଜଣଙ୍କ କୋଭିଡ୍‌ରେ ମୃତ୍ୟୁ ହୋଇଥିବା ବେଳେ ୧୭ ଲକ୍ଷ ୯୪୮ଜଣଙ୍କୁ ଟିକା ଦିଆଯାଇସାରିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଓକିଲ ସଂଘ ସାଧାରଣ ବୈଠକ

ବଇଣ୍ଡା,୧୮।୨(ଡି.ଏନ.ଏ.): ଅନୁଗୋଳ ଜିଲା ଆଠମଲ୍ଲିକ ଓକିଲ ସଂଘ ପକ୍ଷରୁ ଚଳିତ ଆର୍ଥିକ ବର୍ଷର ଶେଷ ସାଧାରଣ ବୈଠକ ଶୁକ୍ରବାର ବାର୍ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ରଙ୍କ ନେତୃତ୍ୱରେ ବୈଠକ ବସିଥିଲା। ଏଥିରେ ଆସନ୍ତା ଆର୍ଥିକ ବର୍ଷ ପାଇଁ ନିର୍ବାଚନ ଅଧିକାରୀଙ୍କୁ ମନୋନୀତ କରାଯିବା ସମ୍ପର୍କରେ ଆଲୋଚନା ହୋଇଥିଲା। ସର୍ବସମ୍ମତି କ୍ରମେ ଆଇନଜୀବୀ ଅନ୍ତର୍ଯ୍ୟାମୀ ରାଉଳଙ୍କୁ ନିର୍ବାଚନ ଅଧିକାରୀ ଭାବେ ମନୋନୀତ କରାଯାଇଥିଲା। ତାଙ୍କୁ ସହଯୋଗ କରିବାକୁ ଆଇନଜୀବୀ ବିଦ୍ୟୁତ୍ କୁମାର ପାଣିଗ୍ରାହୀ ଓ ଲଲାଟେନ୍ଦୁ ଦାସଙ୍କୁ ମଧ୍ୟ ମନୋନୀତ କରାଯାଇଥିଲା। ଆଠମଲ୍ଲିକ ଓକିଲ ସଂଘର ଏହି ନିଷ୍ପତ୍ତି ସମ୍ପର୍କରେ ସଭାପତି ମହାପାତ୍ର ରାଜ୍ୟ ଆଇନଜୀବୀ ପରିଷଦ ସମ୍ପାଦକ ଜେ.କେ. ସାମନ୍ତସିଂହାରଙ୍କୁ ଚିଠି ଲେଖିଥିବା ସୂଚନା ମିଳିଛି।

# ଛେଣ୍ଡିପଦାରେ ୮୬.୭୭, କଣିହାରେ ୭୭.୬୯%

■ ଅନୁଗୋଳ ଜିଲାରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଶେଷ

ଛେଣ୍ଡିପଦା/ କଣିହାଁ,୧୮।୨(ଡି.ଏନ.ଏ.)

ଅନୁଗୋଳ ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ଭୋଟଗ୍ରହଣ ଶୁକ୍ରବାର ଛେଣ୍ଡିପଦା ଓ କଣିହାଁ ବ୍ଲକରେ ଶେଷ ହୋଇଛି। କାଁ ଭାଁ ଗଣ୍ଡଗୋଳକୁ ଛାଡ଼ିଦେଲେ ଶୃଙ୍ଖଳାର ସହ ଏହି ମତଦାନ ହୋଇଥିବାବେଳେ ଛେଣ୍ଡିପଦା ବ୍ଲକର ୪ଟି ବୁଥ୍‌ରେ ଭୋଟବର୍ଜନ କରାଯାଇଛି। ଛେଣ୍ଡିପଦାରେ ୮୬.୭୭ ପ୍ରତିଶତ ମତଦାନ ହୋଇଥିବା ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ସେହିପରି କଣିହାଁ ବ୍ଲକରେ ୭୭.୬୯ ପ୍ରତିଶତ ମତଦାନ ହୋଇଥିବା ସୂଚନା ମିଳିଛି।

ଛେଣ୍ଡିପଦା ବ୍ଲକର ୩୪ ପଞ୍ଚାୟତ ଓ ୪ ଜିଲାପରିଷଦ ଆସନ ପାଇଁ ସକାଳ ୭ଟାରୁ ଭୋଟଗ୍ରହଣ ଆରମ୍ଭ ହୋଇଥିଲା। ମୋଟ୍ ୪୩୨ ବୁଥ୍‌ରେ ମତଦାନ ବ୍ୟବସ୍ଥା କରାଯାଇଥିଲା। ବ୍ଲକ କଲୋନୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଥର ପାଇଁ ପିଙ୍କ୍ ବୁଥ୍ ହୋଇଥିଲା। ଏହି କେନ୍ଦ୍ରରେ ଛେଣ୍ଡିପଦା ପଞ୍ଚାୟତ ୨ନଂ ୱାର୍ଡର ୨୩୨ ଜଣ ଓ ୧୫ନଂ ୱର୍ଡର ୨୩୫ ଜଣ ମତଦାନ କରିଥିଲେ। ଅନ୍ୟ ସମ୍ବେଦନଶୀଳ ବୁଥ୍‌ଗୁଡିକରେ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବନ୍ଦୋବସ୍ତ ହୋଇଥିଲା। ତଥାପି ଟାଙ୍ଗିରୀ ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ଭୋଟ କେନ୍ଦ୍ରକୁପ୍ରବେଶ ନେଇ ସାମାନ୍ୟ ଗଣ୍ଡଗୋଳ ହୋଇଥିଲା। ସେହିଭଳି ବାଲିପଟା ପଞ୍ଚାୟତର ନାଉପଦାରେ ମତଦାନ ପରେ ଭୋଟ ବାକ୍ସ ଫଟୋ ଉଠାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ବାଗଡିଆ ଦୁଲାନାଳୀ ପ୍ରାଥମିକ ବିଦ୍ୟାଳୟ ବୁଥ୍‌ରେ ପୋଲିଂ କର୍ମଚାରୀ ବାଲଟ ପେପରକୁ ଠିକ୍ ଭାବେ ଭାଙ୍ଗୁ ନ ଥିବାରୁ ଭୋଟରଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଏପରି କି ମତଦାନ ପରେ ପୋଲିଂ କର୍ମଚାରୀଙ୍କୁ ଭୋଟରମାନେ କେନ୍ଦ୍ରରୁ ଯିବାକୁ ଦେଇ ନ ଥିଲେ। ଖବରପାଇ ତହସିଲଦାର ଡାନିଏଲ ଏକ୍କା, ଥାନା ଅଧିକାରୀ ଧୀରେନ କୁମାର ବେହେରା ପହଞ୍ଚି ବୁଝାଶୁଝା କରିଥିଲେ। ସେହିପରି କଣିହାଁ ବ୍ଲକର ୨୭ଟି ପଞ୍ଚାୟତ ଓ ୩ଟି ଜିଲା ପରିଷଦ ଜୋନ୍‌ରେ ୩୭୩ ବୁଥ୍ କରାଯାଇଥିଲା। ବ୍ଲକର ୧ଲକ୍ଷ ୩୪ ହଜାର ଭୋଟରଙ୍କ ମଧ୍ୟରୁ ୭୭.୬୯ ପ୍ରତିଶତ ଅର୍ଥାତ୍ ୮୮ ହଜାର ୧୬୭ ଜଣ ମତଦାନ କରିଥିଲେ। ସେମାନଙ୍କ ମଧ୍ୟରେ ୪୨ ହଜାର ୧୫୨ ମହିଳା ଓ ୪୬ ହଜାର ୧୫ ପୁରୁଷ ଭୋଟର ଥିଲେ। ପ୍ରତ୍ୟେକ ବୁଥ୍‌ରେ ପ୍ରିଜାଇଡିଂ, ଫାଷ୍ଟ ପୋଲିଂ ଅଫିସରଙ୍କୁ ମିଶାଇ ୪ ଜଣ ଲେଖାଏ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲା। ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ୮୦ ଜଣ ସେକ୍ଟର ଓ ଅନ୍ୟ ଅଧିକାରୀ ସାମିଲ ହୋଇଥିଲେ। ଅପରାହ୍ଣରେ ଭୋଟ ଗ୍ରହଣ ଶେଷ ହେବା ପରେ ଭୋଟ ବାକ୍ସଗୁଡ଼ିକୁ ବ୍ଲକ କାର୍ଯ୍ୟାଳୟରେ ହୋଇଥିବା ଷ୍ଟ୍ରଙ୍ଗରୁମ୍‌ରେ ସିଲ୍ କରି ରଖାଯାଇଛି। ଏଡିଏମ୍ ରଜନୀକାନ୍ତ ସ୍ୱାଇଁ, ତାଳଚେର ଉପଜିଲାପାଳ ବିଶ୍ୱରଞ୍ଜନ ରଥ, ବିଡିଓ ନିଶାନ ମିଶ୍ର ଏବଂ ଅନ୍ୟ ପଦାଧିକାରୀ ବ୍ୟବସ୍ଥା ପରିଚାଳନା କରିଥିଲେ।



ଛେଣ୍ଡିପଦା ବ୍ଲକ ବାଗଡିଆ ଦୁଲାନାଳୀ ପ୍ରାଥମିକ ବିଦ୍ୟାଳୟ ବୁଥ୍ କର୍ମଚାରୀଙ୍କୁ ଅଟକ ରଖାଯାଇଛି।



କଣିହାଁ ବ୍ଲକରେ ଭୋଟଗ୍ରହଣ ପରେ ତାଳଚେର ଉପଜିଲାପାଳଙ୍କ ଉପସ୍ଥିତିରେ ଭୋଟବାକ୍ସ ପଠାଯାଉଛି।

## ଭୋଟର ତାଲିକାରୁ ନାଁ ବାଦ, ଉତ୍ତେଜନା

ଛେଣ୍ଡିପଦା,୧୮।୨(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକରେ ଶୁକ୍ରବାର ପଞ୍ଚାୟତ ନିର୍ବାଚନ ପାଇଁ ଭୋଟଗ୍ରହଣ କରାଯାଇଥିଲା। ହେଲେ ଛେଣ୍ଡିପଦା ପଞ୍ଚାୟତ ୯ନଂ ବୁଥ୍‌କୁ ଭୋଟ୍ ଦେବାକୁ ଆସିଥିବା ଗ୍ରାମର ଭୋଟରଙ୍କ ମଧ୍ୟରୁ ୭୫ ଜଣଙ୍କ ନାମ ଭୋଟର ତାଲିକାରେ ନ ଥିଲା। ଫଳରେ ଏହାକୁ ନେଇ ସମ୍ପୃକ୍ତ ଭୋଟରମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ପୂର୍ବରୁ ଏ ନେଇ କୌଣସି ସୂଚନା ଦିଆଯାଇ ନ ଥିବା ସମ୍ପର୍କରେ କହିଥିଲେ ମଧ୍ୟ ତାଲିକାରେ ନାମ ନ ଥିବାରୁ ଅଧିକାରୀମାନେ ସେମାନଙ୍କୁ ଭୋଟ୍ ଦେବାକୁ ଅନୁମତି ଦେଇ ନ ଥିଲେ। ଫଳରେ ସେଠାରୁ ନିରାଶ ହୋଇ ସମ୍ପୃକ୍ତ ଭୋଟରମାନେ ପ୍ରଶାସନକୁ ଅଭିଯୋଗ କରିବା ପାଇଁ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଥିବା ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅଭିଯୋଗ ଗ୍ରହଣ କରିଥିଲେ। ହେଲେ ମତଦାନ ସମୟ ହୋଇସାରିଥିବାରୁ ଏ ନେଇ ତୁରନ୍ତ କିଛି କରାଯାଇ ପାରିବ ନାହିଁ। ହେଲେ ପରବର୍ତ୍ତୀ ସମୟରେ ତାଲିକା ସଂଶୋଧନ କରାଯିବ ବୋଲି ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରତିଶ୍ରୁତି ଦେବାପରେ ତାଲିକାରୁ ବାଦ୍ ପଡ଼ିଥିବା ଭୋଟରମାନେ ସେଠାରୁ ଫେରିଥିବା ସୂଚନା ମିଳିଛି।



ବ୍ଲକ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଯାଇଥିବା ଭୋଟରମାନେ।

## ଷ୍ଟାଇଲ ବଜାର ଦ୍ୱିତୀୟ ଶୋ'ରୁମ୍ ଉଦ୍‌ଘାଟିତ

ଅନୁଗୋଳ ଅଫିସ, ୧୮।୨

ଅନୁଗୋଳ ସହର ଶଙ୍କର ସିନେମା ରୋଡ୍‌ର ଜିଏସ୍ ସେଣ୍ଟର(ମଲ୍)ଠାରେ ଷ୍ଟାଇଲ ବଜାରର ଦ୍ୱିତୀୟ ଶୋ'ରୁମ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଶୋ'ରୁମ୍ ମ୍ୟାନେଜିଂ ପାର୍ଟନର ଦୀନେଶ ଅଗ୍ରୱାଲ ଓ ଭଗବାନ ପ୍ରସାଦ ଏହାକୁ ଉଦ୍‌ଘାଟନ କରିଥିଲେ। ଦେଶର ୧୦୧ତମ ଏହି ଶୋ'ରୁମ୍ ଅନୁଗୋଳ ଜିଲାବାସୀଙ୍କୁ ଉତ୍ତମ ଦାମ୍‌ରେ ଗୁଣାତ୍ମକ ଏବଂ ଫ୍ୟାଶନେବଲ ରେଡିମେଡ୍ ପୋଷାକ ଯୋଗାଇବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ସମାରୋହରେ ମଲ୍ ସ୍ୱତ୍ତ୍ୱାଧିକାରୀ ସୀତାରାମ ମାଣ୍ଡୋଠିଆ, ଏରିଆ ମ୍ୟାନେଜର ଦେବ ବାରିକ, ମ୍ୟାନେଜର ସୁମନ୍ତ ବାଗ, ଏଚ୍‌ଆର୍ ହେଡ୍ ଟିପୁ ପାତ୍ର, ସିନିୟର ଏଚ୍‌ଆର୍ ଏକଜିକ୍ୟୁଟିଭ ଆଲୋକ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।



ଉଦ୍‌ଘାଟନୀ ଅବସରରେ ଅତିଥି ଓ ଅଧିକାରୀମାନେ।

## ପ୍ରଶାସନିକ ଅଧିକାରୀଙ୍କ ବିବାଦୀୟ ଅଡିଓ ଭାଇରାଲ

ବଇଣ୍ଡା,୧୮।୨(ଡି.ଏନ.ଏ.)

କିଶୋରନଗର ବ୍ଲକର ଜଣେ ପ୍ରଶାସନିକ ଅଧିକାରୀ ଶାସକ ଦଳ ପ୍ରତି ଅନୁକମ୍ପା ଦେଖାଉଥିବା ଏକ ଅଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଏହାକୁ ନେଇ ଆଠମଲ୍ଲିକ ଉପଖଣ୍ଡ ଭାଜପା ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ କରାଯାଇଛି। ଆସନ୍ତା ୨୨ ତାରିଖରେ କିଶୋରନଗର ବ୍ଲକରେ ପଞ୍ଚାୟତ ନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ହେବାକୁ ଥିବାରୁ ସେଥିରେ ସ୍ୱଚ୍ଛତା ରକ୍ଷା ନେଇ ଦଳ ପକ୍ଷରୁ ସନ୍ଦେହ ପ୍ରକାଶ କରାଯାଇଛି। ୨୦୧୭ ପଞ୍ଚାୟତ ନିର୍ବାଚନରେ ବିଜେଡି କିଶୋରନଗର ବ୍ଲକର ୩ଟି ଜୋନରେ ପରାଜିତ ହୋଇଥିବାବେଳେ ଏଥର ଭଲ ପ୍ରାର୍ଥୀଙ୍କ ବିଜୟରେ ସହଯୋଗ କରିହେବ ବୋଲି ସମ୍ପୃକ୍ତ ଅଧିକାରୀ କହୁଥିବା ଅଡିଓ ଭାଇରାଲ ହୋଇଛି। ଏ ନେଇ ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରାଙ୍କ ମତାମତ ଲୋଡ଼ାଯାଇଥିଲେ ମଧ୍ୟ ସେ କିଛି ଉତ୍ତର ଦେଇ ନ ଥିଲେ।



ଅନୁଗୋଳ ସହରରେ ଶୁକ୍ରବାର ସକାଳେ ଘନ କୁହୁଡ଼ିର ଅସ୍ତରଣ। (ଫଟୋ– ବୁବୁ)

## ପ୍ରାର୍ଥୀଙ୍କୁ ନେଇ ସାମାଜିକ କର୍ମୀଙ୍କ ପ୍ରଚାର



ଉଭୟ ପ୍ରାର୍ଥୀଙ୍କୁ ଧରି ପ୍ରଚାର କରୁଛନ୍ତି ସାମାଜିକ କର୍ମୀ।

ବଇଣ୍ଡା,୧୮।୨(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ୨୦ ତାରିଖରେ ଭୋଟ୍‌ଗ୍ରହଣ ହେବ। ତେଣୁ ପ୍ରଚାରର ଶେଷ ଦିନରେ ପ୍ରାର୍ଥୀମାନେ ସେମାନଙ୍କ ଅଭିଯାନକୁ ଜୋର୍‌ଦାର କରିଥିଲେ। ଗୁରୁବାର ଅଏଡ଼ା ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ସୁବାସିନୀ ସେଠୀ ଓ ସମିତିସଭ୍ୟ ପ୍ରାର୍ଥୀ ମନୁ ବେହେରାଙ୍କ ପାଇଁ ସାମାଜିକ କର୍ମୀ ଅର୍ଜୁନ କୁମାର ସାହୁ ପ୍ରଚାର ମଇଦାନକୁ ଓହ୍ଲାଇଥିଲେ। ପଞ୍ଚାୟତରେ ଏକ ଶୋଭାଯାତ୍ରା ମାଧ୍ୟମରେ ୨ ପ୍ରାର୍ଥୀଙ୍କୁ ଧରି ସେ ଘର ଘର ବୁଲି ଭୋଟ ଦେବାକୁ ନିବେଦନ କରିଥିଲେ। ସମସ୍ତ ସମସ୍ୟା ସମାଧାନ କରାଯିବା ସହ ଅଏଡ଼ାକୁ ଏକ ଆଦର୍ଶ ପଞ୍ଚାୟତ ଭାବେ ଗଢି ତୋଳାଯିବ ବୋଲି ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

## ଭିନ୍ନକ୍ଷମଙ୍କୁ ହୁଇଲ ଚେୟାର ବଣ୍ଟନ

ଅନୁଗୋଳ ଅଫିସ, ୧୮।୨

ଅନୁଗୋଳ ଜିଲା ବଣ୍ଠିଆପାଳ ବ୍ଲକ ଜାମୁନାଳୀ ପଞ୍ଚାୟତରେ ଶୁକ୍ରବାର ଭିନ୍ନକ୍ଷମମାନଙ୍କୁ ହୁଇଲ ଚେୟାର ବଣ୍ଟନ କରାଯାଇଛି। ସରପଞ୍ଚ ପ୍ରମିଳା ନାଏକ ନିଜେ ଭିନ୍ନକ୍ଷମମାନଙ୍କ ଘରକୁ ଯାଇ ହୁଇଲଚେୟାର ପ୍ରଦାନ କରିଥିଲେ। ଏପରି ମହତ କାର୍ଯ୍ୟ ଚାଲୁ ଆଗାମୀ ଦିନରେ ମଧ୍ୟ ଚାଲୁ ରହିବ ବୋଲି ସରପଞ୍ଚ ପ୍ରମିଳା ନାଏକ ପ୍ରକାଶ କରିଛନ୍ତି।



ସରପଞ୍ଚଙ୍କ ଉପସ୍ଥିତିରେ ଭିନ୍ନକ୍ଷମଙ୍କୁ ହୁଇଲ ଚେୟାର ବଣ୍ଟନ କରାଯାଉଛି।

## ୩ ବଖରା ଜଳିଗଲା

ଧାମନଗର, ୧୮।୨ (ଡି.ଏନ.ଏ.):

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ପଧାନୀ ପଞ୍ଚାୟତ ରାମରାକୂଳ ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଉପେନ୍ଦ୍ର ସାହୁଙ୍କ ୩ ବଖରା ଘର ଜଳିଯାଇଛି। ଧାମନଗର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସ୍ଥାନୀୟ ସରପଞ୍ଚ ସୁଜାତା ପୁହାଣ ଓ ପୂର୍ବତନ ସରପଞ୍ଚ ଅଶୋକ ପୁହାଣ ଅଗ୍ନିବିପନ୍ନ ପରିବାରକୁ ଭେଟି ସହାୟତା ପ୍ରଦାନ କରିଛନ୍ତି।






## ସିଆଇଏସ୍‌ଏଫ୍‌ରେ ଯୋଗଦେବାକୁ ଆହ୍ୱାନ

ତାଳଚେର,୧୮।୨(ନି.ପ୍ର.)

ତାଳଚେରସ୍ଥିତ ସିଆଇଏସ୍‌ଏଫ୍ ୟୁନିଟ୍ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ବଣ୍ଠିଆପାଳ ପିଏସ୍‌ଏସ୍‌ଜେ ଡିଗ୍ରୀ କଲେଜରେ ଏକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କୁ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ଫୋର୍ସରେ ସାମିଲ ହେବାକୁ ସଚେତନ କରାଯାଇଥିଲା। ସହାୟକ କମାଣ୍ଡାଣ୍ଟ କେ. କେ. ପାତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ଛାତ୍ରୀଛାତ୍ରଙ୍କୁ ସିଆଇଏସ୍‌ଏଫ୍ ମାଧ୍ୟମରେ ଦେଶ ସେବା କରିବାକୁ ଆହ୍ୱାନ ଦେଇଥିଲେ। ପ୍ରଧାନ ଅଧ୍ୟାପକ ଗୋକୁଳା ନନ୍ଦ ପ୍ରଧାନଙ୍କ ସହ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଉଛି।

## ଜିଲାପାଳ, ଏସ୍‌ପିଙ୍କୁ ଦାବିପତ୍ର



ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବଣ୍ଠିଆପାଳ,୧୮।୨(ଡି.ଏନ.ଏ.)

ବଣ୍ଠିଆପାଳରେ ଗତ ୧୬ ତାରିଖରେ ନିର୍ବାଚନ ସମ୍ପର୍କିତ ଖବର ସଂଗ୍ରହ କରୁଥିବା ଖବରଦାତା ତଥା ଅନୁଗୋଳ ଜିଲା ସାମ୍ବାଦିକ ସଂଘ (ଏଡିଜେୟୁ) ସଦସ୍ୟ ସଞ୍ଜୀବ କୁମାର ପାଇକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏହି ଘଟଣାରେ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ଦାବିରେ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ଶୁକ୍ରବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଡିଜେୟୁ ସଭାପତି ଦ୍ୱାରିକା ପ୍ରସାଦ ନନ୍ଦଙ୍କ ନେତୃତ୍ୱରେ ସଂଘ କର୍ମକର୍ତ୍ତା ଓ ସଦସ୍ୟମାନେ ଏହି ଦାବିପତ୍ର ପ୍ରଦାନ କରିଥିଲେ। ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଓ ଏସ୍‌ପି ପ୍ରତିଶ୍ରୁତି ଦେଇଥିବା ସଂଘ ପକ୍ଷରୁ କୁହାଯାଇଛି। ମନୋରଞ୍ଜନ ପାଣି, ଗୋପାଳ ଚନ୍ଦ୍ର ନାଥ, ସୁବ୍ରତ ତ୍ରିପାଠୀ, ଅଶୋକ ଜେନା, ଉପେନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## କୁମଣ୍ଡକୁ ହରାଇ ଗୋତମରା ଚାମ୍ପିୟନ

ବଣ୍ଠିଆପାଳ,୧୮।୨(ଡି.ଏନ.ଏ.)

ବଣ୍ଠିଆପାଳ ବ୍ଲକ ଗିରାଙ୍ଗସ୍ଥିତ ମା' ମଙ୍ଗଳା କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ମା' ମଙ୍ଗଳା କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଗୋତମରା ଓ କୁମଣ୍ଡ ମଧ୍ୟରେ ଖେଳାଯାଇଥିଲା। ଗୋତମରା ଦଳ ପ୍ରଥମେ ବ୍ୟାଟିଂ କରି ୧୩ ଓଭରରେ ୧୪୩ ରନ ସଂଗ୍ରହ କରିଥିଲା। ଜବାବରେ କୁମଣ୍ଡ ଦଳ ୧୩ ଓଭରରେ ୬୦ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେଡି ଯୁବନେତା ଅରୁଣାଭ ସିଂହ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଛବିରାଣୀ ଦେହୁରୀ, ଆଇନଜୀବୀ କାଳିଚରଣ କର, କୁନା ବେହେରା, ସୁସେନ ଗଡ଼ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଆୟୋଜକ କ୍ଲବ ପକ୍ଷରୁ ପ୍ରଫୁଲ୍ଲ ଗୋଛାୟତ, ପ୍ରଦୀପ ଗୋଛାୟତ, ବଟୁ ଗୋଛାୟତ, ସୁବାସ ଗୋଛାୟତ, ରାହୁଲ ଗୋଛାୟତ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ସହ ଦୁଇ ଦଳର ଖେଳାଳିମାନେ।

## ବିଦ୍ୟାଳୟ ବିକାଶ ପାଇଁ ଦାବି

ବଇଣ୍ଡା,୧୮।୨(ଡି.ଏନ.ଏ.)

କିଶୋରନଗର ବ୍ଲକ ବିଶ୍ୱଯୁବ କେନ୍ଦ୍ର ପକ୍ଷରୁ ଲୁହାମୁଣ୍ଡା, ଗାଁବଇଣ୍ଡା, କଣ୍ଟେଇକୋଳିଆ, ଜାମୁନାଳୀ ଆଦି ୪ ପଞ୍ଚାୟତରେ ଲଢୁଥିବା ସରପଞ୍ଚ, ସମିତିସଭ୍ୟ ପ୍ରାର୍ଥୀଙ୍କୁ ଗୁରୁବାର ୧୪ଟି ଶିଶୁ ସଂଘ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ ରହିଛି, ନିର୍ବାଚନ ଲଢୁଥିବା ପ୍ରାର୍ଥୀମାନେ ବିଜୟୀ ହେଲେ ସେମାନଙ୍କ ପଞ୍ଚାୟତରେ ଥିବା ବିଦ୍ୟାଳୟଗୁଡିକରେ ଶିଶୁମାନଙ୍କ ଯତ୍ନ, ପାଚେରି, ପ୍ରବେଶ ଦ୍ୱାର ମରାମତି, ଛାତ୍ରୀ ଓ ଛାତ୍ରମାନଙ୍କ ନିମନ୍ତେ ଭିନ୍ନ ଶୌଚାଳୟ ନିର୍ମାଣ, ବିଶୁଦ୍ଧ ପିଇବା ପାଣି ବ୍ୟବସ୍ଥା ଏବଂ ଶିଶୁ ଶ୍ରମିକ ନିରାକରଣ ଦିଗରେ କାର୍ଯ୍ୟ କରାଯାଉ। ବିଶ୍ୱ ଯୁବକେନ୍ଦ୍ରର ରଞ୍ଜିତା ଧଳ, ଅଭୟ ସାଇଁ, ବାପୁଜୀ ଚରଣ ବେହେରା ଏହାକୁ ପରିଚାଳନା କରିଥିଲେ।



ପ୍ରାର୍ଥୀମାନଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ହିନ୍ଦୋଳରେ ବଢୁଛି ନିର୍ବାଚନ ପରବର୍ତ୍ତୀ ହିଂସା

ହିନ୍ଦୋଳ,୧୮।୨(ଡି.ଏନ୍.ଏ.)

ହିନ୍ଦୋଳ ବ୍ଲକରେ ନିର୍ବାଚନ ପରବର୍ତ୍ତୀ ହିଂସା ବଢ଼ିବାରେ ଲାଗିଛି। ମତଦାନକୁ ନେଇ ବିଭିନ୍ନ ଗ୍ରାମରେ ଗୋଷ୍ଠୀକନ୍ଦଳ ଉଗ୍ରରୂପ ନେଉଥିବାବେଳେ ଶୁକ୍ରବାର ଥାନାରେ ଏଭଳି ୨ଟି ମାମଲା ରୁଜୁ ହୋଇଛି। ହାତୁରା ପଞ୍ଚାୟତ କୁରୁମିଠା ଗ୍ରାମର ଜଣେ ସମିତିସଭ୍ୟଙ୍କ ଅଜ୍ଞାତବାସକୁ କେନ୍ଦ୍ରକରି ୩ଜଣ ବ୍ୟକ୍ତି ପୂର୍ବାହ୍ନ ୯ଟାରେ ରାଜେଶ ସାମଲଙ୍କୁ ଖଣ୍ଡାରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କ କବଳରୁ ପୁଅକୁ ରକ୍ଷା କରିବାକୁ ଯାଇ ରାଜେଶଙ୍କ ମା' ସଂଯୁକ୍ତା ମଧ ଆକ୍ରମଣର ଶିକାର ହୋଇଛନ୍ତି। ଉଭୟଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ସଂଯୁକ୍ତା ହିନ୍ଦୋଳ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ପଡ଼ା ଗ୍ରାମର ଦୀପକ ନାଥ ୧୨ନଂ. ୱାର୍ଡସଭ୍ୟ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ରାଜନୈତିକ ଆକ୍ରୋଶରୁ ଜଣେ ପ୍ରତିଦ୍ୱନ୍ଦ୍ୱୀ ତାଙ୍କ ପୋଖରୀରେ ବିଷ ପ୍ରୟୋଗ କରିଥିବା ସେ ଅଭିଯୋଗ କରିଛନ୍ତି। ଏଥିରେ ପୋଖରୀରେ ଛଡ଼ାଯାଇଥିବା ପ୍ରାୟ ୨୦ ହଜାର ଟଙ୍କାର ମାଛ ମରିଯାଇଥିବା ସେ ଏତଲାରେ ଉଲ୍ଲେଖ କରିଛନ୍ତି। ଉଭୟ ମାମଲାରେ ପୋଲିସ ତଦନ୍ତ ଜାରି ରଖିଛି।

# ଜିଲ୍ଲାରେ କମୁଛି ସଂକ୍ରମଣ

ଢେଙ୍କାନାଳ ଅଫିସ, ୧୮।୨

ଢେଙ୍କାନାଳ ଜିଲାରେ କରୋନା ସଂକ୍ରମଣ ମାମଲା କମିବାରେ ଲାଗିଛି। ଏକଦା ୧୦୦୦ ମୁହାଁ ହୋଇଥିବା ସକ୍ରିୟ ମାମଲା ଏବେ ହ୍ରାସ ପାଇ ୧୨୧ରେ ପହଞ୍ଚିଛି। କରୋନା ଆରୋଗ୍ୟଙ୍କ ସଂଖ୍ୟା ବଢ଼ିବା ଏବଂ କମ୍ ସଂକ୍ରମିତ ବାହାରୁଥିବାରୁ ସ୍ଥିତି ସ୍ୱାଭାବିକ ହେବାରେ ଲାଗିଛି। ଶୁକ୍ରବାର ଦିନକରେ ୫ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୩୧ ଜଣ ସୁସ୍ଥ ହୋଇଛନ୍ତି। ନୂଆ ସଂକ୍ରମିତଙ୍କ ମଧରେ ଓଡ଼ାପଡ଼ା ବ୍ଲକରୁ ୨, ହିନ୍ଦୋଳ ଏନ୍ଏସିରୁ ୧ ଏବଂ କାମାକ୍ଷାନଗର ବ୍ଲକରୁ ୨ ଜଣ ରହିଛନ୍ତି। ସେହିପରି ଜିଲାରେ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୨୬୨ରେ ସ୍ଥିର ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ନିର୍ବାଚନ କମିଶନଙ୍କୁ ଫେରାଦ

ଭୁବନେଶ୍ୱର, ୧୮।୨(ବ୍ୟୁରୋ):

ପଞ୍ଚାୟତ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ବେଳେ ଜଗତ୍‌ସିଂହପୁର ଏବଂ କେନ୍ଦ୍ରାପଡ଼ା ଜିଲାରେ ଭାଜପା ହିଂସାକାଣ୍ଡ ଘଟାଇଥିବା ବିଜେଡି ପକ୍ଷରୁ ଅଭିଯୋଗ ହୋଇଛି। ଏ ନେଇ ଦଳୀୟ ନେତୃବୃନ୍ଦ ରାଜ୍ୟ ନିର୍ବାଚନ କମିଶନଙ୍କୁ ଫେରାଦ ହେବା ସହିତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଜଗତ୍‌ସିଂହପୁର ଜିଲାର ଏକ ବୁଥ୍‌ରେ ଭାଜପା ନେତା ଓ କର୍ମୀମାନେ ପ୍ରିଜାଇଡିଂ ଅଫିସର, ଭୋଟର ଏବଂ ପୋଲିସ କର୍ମଚାରୀଙ୍କୁ ଧମକାଇବା ସହ ବାଲଟ୍ ବକ୍ସ ବାହାରେ ଫିଙ୍ଗିଦେଇଛନ୍ତି। ଅନୁରୂପ ଭାବେ କେନ୍ଦ୍ରାପଡ଼ା ଜିଲାର ନାରାୟଣପୁର ବୁଥ୍ ନମ୍ବର ୧୪ରେ ବିଜେଡି ଜିଲା ପରିଷଦ ପ୍ରାର୍ଥୀଙ୍କ ଏଜେଣ୍ଟଙ୍କୁ ଆକ୍ରମଣ କରିଛନ୍ତି। ଦଳ ପକ୍ଷରୁ ହିଂସାକାଣ୍ଡର ପ୍ରମାଣସ୍ୱରୂପ ଏକ ଭିଡିଓ ପେନ୍‌ଡ୍ରାଇଭ ଜରିଆରେ ରାଜ୍ୟ ନିର୍ବାଚନ କମିଶନଙ୍କୁ ପ୍ରଦାନ କରାଯାଇଛି।

# ସଦରରେ ୮୧.୭୩, ଓଡ଼ାପଡ଼ାରେ ୮୦.୪୩%

ଢେଙ୍କାନାଳ ଅଫିସ, ୧୮।୨



ଢେଙ୍କାନାଳ ଜିଲା ସଦର ବ୍ଲକ ଶୁଆଖାଇକାଟେଣୀ ପ୍ରାଥମିକ ବିଦ୍ୟାଳୟରେ ହୋଇଥିବା ଭୋଟଗ୍ରହଣ କେନ୍ଦ୍ରରେ ମତଦାନ କରିବାକୁ ମହିଳା ଭୋଟରମାନେ ଧାଡ଼ିବାନ୍ଧି ଅପେକ୍ଷା କରିଛନ୍ତି।

ପ୍ରଥମ ପର୍ଯ୍ୟାୟ ପଞ୍ଚାୟତ ଭୋଟରେ ରାଜନୈତିକ ହିଂସାକୁ ନେଇ ଚର୍ଚ୍ଚାର ଶିରୋନାମା ପାଲଟିଥିବା ଢେଙ୍କାନାଳ ଜିଲାରେ ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଶୃଙ୍ଖଳାର ସହ ଶେଷ ହୋଇଛି। ଢେଙ୍କାନାଳ ସଦର ବ୍ଲକରେ ୮୧.୭୩% ଏବଂ ଓଡ଼ାପଡ଼ା ବ୍ଲକରେ ୮୦.୪୩% ମତଦାନ ହୋଇଛି। ତେବେ ରାଜସ୍ୱ ଗ୍ରାମ ମାନ୍ୟତା ଦାବି ପୂରଣରେ ପ୍ରଶାସନିକ ଉଦାସୀନତା ପ୍ରତିବାଦରେ ବେଲଟିକିରି ପଞ୍ଚାୟତର ଦୁର୍ଗାପ୍ରସାଦ ଗ୍ରାମବାସୀ ଭୋଟ ବର୍ଜନ କରିଛନ୍ତି। ସେହିପରି ପ୍ରଦୂଷଣ ସମସ୍ୟା ସମାଧାନ ଦାବିରେ ଭାପୁର ପଞ୍ଚାୟତର ମହୁଲପୁଞ୍ଜି ଗ୍ରାମବାସୀ ଭୋଟବର୍ଜନ ନିଷ୍ପତ୍ତି ନେଇଥିଲେ। ତେବେ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ବୁଝାଶୁଝା ପରେ ମଧ୍ୟାହ୍ନ ୧୨ଟାରେ ଭୋଟଗ୍ରହଣ ଆରମ୍ଭ ହୋଇଥିଲା। ଏହି ଦୁଇ ଘଟଣାକୁ ବାଦ୍‌ଦେଲେ ମତଦାନକୁ ନେଇ ଉଭୟ ବ୍ଲକର ଭୋଟରଙ୍କ ମଧ୍ୟରେ ବିପୁଳ ଉତ୍ସାହ ପରିଲକ୍ଷିତ ହୋଇଥିଲା।

**ଶୃଙ୍ଖଳିତ ଭାବେ ସରିଲା ଦ୍ୱିତୀୟ ପର୍ଯ୍ୟାୟ ମତଦାନ**

ସଦର ବ୍ଲକର ୩୦ ପଞ୍ଚାୟତର ୩୯୯ ବୁଥ୍‌ରେ ୧ ଲକ୍ଷ ୧୮ ହଜାର ୨୬୯ ଭୋଟର ଥିବାବେଳେ ୯୬ ହଜାର ୬୬୦ ଜଣ ସେମାନଙ୍କ ମତସାବ୍ୟସ୍ତ କରିଛନ୍ତି। ତନ୍ମଧ୍ୟରେ ୪୬ ହଜାର ୩୪୧ ମହିଳା ଏବଂ ୫୦ ହଜାର ୩୧୯ ପୁରୁଷ ଭୋଟର ଅଛନ୍ତି। ସେହିପରି ଓଡ଼ାପଡ଼ା ବ୍ଲକରେ ୨୮ ପଞ୍ଚାୟତର ୪୧୯ ବୁଥ୍‌ରେ ୧ ଲକ୍ଷ ୧୦ ହଜାର ୩୨୦ ଭୋଟର ରହିଥିବାବେଳେ ୮୮ ହଜାର ୭୩୪ଜଣ ମତଦାନ କରିଥିଲେ। ସେଥିରୁ ୪୨ ହଜାର ୨୪୯ ମହିଳା, ୪୬ ହଜାର ୪୮୪ ପୁରୁଷ ଏବଂ ଅନ୍ୟାନ୍ୟ ବର୍ଗର ଜଣେ ଭୋଟର ଅଛନ୍ତି। ଜିଲାରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ଅବଶିଷ୍ଟ ଦୁଇ ପର୍ଯ୍ୟାୟରେ ବାକିଥିବା ୪ ବ୍ଲକରେ ଭୋଟ ହେବ। ସଚେତନ ନାଗରିକ ଭାବେ ନିର୍ବାଚନରେ ଅଂଶଗ୍ରହଣ କରିବା ଏବଂ ଶାନ୍ତିଶୃଙ୍ଖଳାର ସହ ଏହାକୁ ଶେଷ କରିବାକୁ ଜିଲାପାଳ ସରୋଜ କୁମାର ସେଠୀ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

# କାମାକ୍ଷାନଗର, ପରଜଙ୍ଗରେ ପ୍ରସ୍ତୁତି ଚୂଡ଼ାନ୍ତ

କାମାକ୍ଷାନଗର/ପରଜଙ୍ଗ, ୧୮।୨(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ଏବଂ ପରଜଙ୍ଗ ବ୍ଲକରେ ତୃତୀୟ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ଆସନ୍ତା ୨୦ ତାରିଖରେ ଅନୁଷ୍ଠିତ ହେବ। ଏଥିଲାଗି ପ୍ରଚାର କାର୍ଯ୍ୟ ଶୁକ୍ରବାର ସନ୍ଧ୍ୟାରେ ଶେଷ ହୋଇଛି। ଜିଲା ରାଜନୀତିର ଅନ୍ୟତମ ପ୍ରାଣକେନ୍ଦ୍ର ଭାବେ ପରିଚିତ ଏହି ଦୁଇ ବ୍ଲକରେ ନିର୍ବାଚନ ଶାନ୍ତିଶୃଙ୍ଖଳାରେ ସାରିବା ଲାଗି ପ୍ରଶାସନିକ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।

କାମାକ୍ଷାନଗର ବ୍ଲକର ୨୨ ପଞ୍ଚାୟତର ୯୧ ହଜାର ୨୨୭ ଭୋଟର ମତଦାନ କରିବେ। ଏଥିଲାଗି ୨୯୬ ବୁଥ୍ କରାଯାଇଛି। ୩ ଜିଲା ପରିଷଦ ଆସନରେ ୧୨ ଜଣ, ୨୨ ସରପଞ୍ଚ ପଦବୀରେ ୮୨ ଜଣ ଓ ସମିତିସଭ୍ୟ ପଦବୀରେ ୭୭ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୨୯୬ ୱାର୍ଡ ମଧ୍ୟରୁ ୧୨୨ ୱାର୍ଡସଭ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ୨୧ ୱାର୍ଡ ପାଇଁ କେହି ମନୋନୟନପତ୍ର ଦାଖଲ କରିନାହାନ୍ତି। ଅବଶିଷ୍ଟ ୧୫୩ ୱାର୍ଡସଭ୍ୟ ପଦବୀ ପାଇଁ ଭୋଟଗ୍ରହଣ ହେବ। ୩୪ ମତଦାନ କେନ୍ଦ୍ରକୁ ଉତ୍ତେଜନାପ୍ରବଣ ଚିହ୍ନଟ କରାଯାଇଛି। ମହିଳାମାନଙ୍କ ଲାଗି ସାରୁଆଳି ପଞ୍ଚାୟତର ୪ନଂ. ୱାର୍ଡ, ମହୁଲପାଳ ପଞ୍ଚାୟତର ୧ନଂ. ୱାର୍ଡରେ ଦୁଇଟି ପିଙ୍କ୍ ବୁଥ୍ ହୋଇଛି। ଶୃଙ୍ଖଳିତ ନାଗରିକ ଭାବେ ନିର୍ବାଚନରେ ଅଂଶଗ୍ରହଣ କରିବାକୁ ବିଡିଓ ବିକାଶ କୁମାର ମହାନ୍ତି ସୂଚନା ଦେଇଛନ୍ତି।

**ଦିନକ ପରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ**

ସେହିପରି ପରଜଙ୍ଗ ବ୍ଲକର ୨୯ ପଞ୍ଚାୟତର ୩୬୧ ବୁଥ୍‌ରେ ୧ ଲକ୍ଷ ୭ ହଜାର ୬୧୭ ଭୋଟର ସେମାନଙ୍କ ବହୁମୂଲ୍ୟ ମତ ସାବ୍ୟସ୍ତ କରିବେ। ୩ ଜିଲା ପରିଷଦ ପଦବୀରେ ୧୩ ଜଣ, ୨୯ ସରପଞ୍ଚ ପଦବୀରେ ୮୭ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ପିତିରି ଏବଂ କୁଆଲୋ ପଞ୍ଚାୟତର ସମିତିସଭ୍ୟ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବାବେଳେ ଅବଶିଷ୍ଟ ୨୭ ପଦବୀ ଲାଗି ୭୦ଜଣଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ସେହିପରି ମୋଟ ୫୯୮ ୱାର୍ଡମେମ୍ବରଙ୍କ ମଧ୍ୟରୁ ୧୨୨ ନିର୍ଦ୍ୱନ୍ଦ୍ୱ ଅଛନ୍ତି। ୧୮ଟି ୱାର୍ଡରେ କେହି ପ୍ରାର୍ଥୀପତ୍ର ଦାଖଲ କରିନାହାନ୍ତି। ଅବଶିଷ୍ଟ ୱାର୍ଡସଭ୍ୟ ପଦବୀରେ ଭୋଟଗ୍ରହଣ ହେବ। ଶନିବାର ପୋଲିଂ ପାର୍ଟି ବୁଥ୍ ଅଭିମୁଖେ ବାହାରିବେ। ଏଥିଲାଗି ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ଜିପିଇଓ ଅକ୍ଷୟ କୁମାର ସାହୁ ସୂଚନା ଦେଇଛନ୍ତି।

# ଏଜେଣ୍ଟଙ୍କୁ ମାଡ଼, ବୁଥ୍ ଜବରଦଖଲ



ଆକ୍ରମଣର ଶିକାର ସରପଞ୍ଚ ପ୍ରାର୍ଥୀ ଏବଂ ତାଙ୍କର ସମର୍ଥକ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି।

ଢେଙ୍କାନାଳ ଅଫିସ, ୧୮।୨

ଢେଙ୍କାନାଳ ସଦର ବ୍ଲକ ଚନ୍ଦ୍ରଶେଖରପ୍ରସାଦ ପଞ୍ଚାୟତରେ ବିରୋଧୀ ଦଳର ପ୍ରାର୍ଥୀ ବୁଥ୍ ଜବରଦଖଲ କରିଥିବା ଶାସକ ବିଜେଡି ପକ୍ଷରୁ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଜୋନ୍-୩ ଜିଲା ପରିଷଦ ପ୍ରାର୍ଥୀ ଅଶୋକ ପରିଡ଼ା ଶୁକ୍ରବାର ଅପରାହ୍ନରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଅଶୋକ ଅଭିଯୋଗରେ ଦର୍ଶାଇଛନ୍ତି, ଚନ୍ଦ୍ରଶେଖରପ୍ରସାଦ ପଞ୍ଚାୟତରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜଣେ ସରପଞ୍ଚ ପ୍ରାର୍ଥୀ ବଳପୂର୍ବକ ୧ରୁ ୭ନଂ ବୁଥ୍ ଜବରଦଖଲ କରିଛନ୍ତି। ମୃତବ୍ୟକ୍ତି ଏବଂ ବାହାରେ ରହୁଥିବା ଭୋଟରଙ୍କ ନାମରେ ସେ ଜବରଦସ୍ତ ଭୋଟ ଦେଇଥିଲେ। ସେହିପରି ଅନ୍ୟ ଜଣେ ସରପଞ୍ଚ ପ୍ରାର୍ଥୀଙ୍କ ଏଜେଣ୍ଟଙ୍କୁ ସମ୍ପୃକ୍ତ ସରପଞ୍ଚ ପ୍ରାର୍ଥୀ ମାଡ଼ ମାରିବା ସହିତ ଏଜେଣ୍ଟ ଫର୍ମ ଚିରିଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ସଂକ୍ରାନ୍ତରେ ସେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ସଦର ଅତିରିକ୍ତ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାର ବିଧିବଦ୍ଧ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଅଶୋକ ଜିଲାପାଳଙ୍କୁ ଜଣାଇଛନ୍ତି। ଜିଲାପାଳଙ୍କ ସହିତ ଏ ସଂକ୍ରାନ୍ତରେ ଆଲୋଚନା ସମୟରେ ରାଜ୍ୟ ବିଜେଡି ସମ୍ପାଦକ ହର୍ଷବର୍ଦ୍ଧନ ସିଂଦେଓ ମଧ ଉପସ୍ଥିତ ଥିଲେ।

**ଜିଲାପାଳଙ୍କୁ ଫେରାଦ ହେଲା ବିଜେଡି**

ସେହିପରି ସରପଞ୍ଚ ପ୍ରାର୍ଥୀ ସୁନୀଲ ପରିଡ଼ାଙ୍କ ଦ୍ୱାରା ନିଯୁକ୍ତ ପ୍ରତିନିଧି ରାଜେନ୍ଦ୍ର ପ୍ରସାଦ ନାୟକଙ୍କୁ ପ୍ରତିପକ୍ଷ ଦଳର ସରପଞ୍ଚ ପ୍ରାର୍ଥୀ ଏବଂ ତାଙ୍କ ସମର୍ଥକ ସଂଘବଦ୍ଧ ଭାବେ ଆକ୍ରମଣ କରିଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଏଭଳି ହିଂସାରେ ଜଡ଼ିତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୁନୀଲ ଦାବି କରିଛନ୍ତି।

# ପ୍ରଚାର ମଇଦାନରେ ଅଭିନେତ୍ରୀ ବର୍ଷା

ଢେଙ୍କାନାଳ ଅଫିସ, ୧୮।୨

ଢେଙ୍କାନାଳ ଜିଲାରେ ତୃତୀୟ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ପାଇଁ ଶୁକ୍ରବାର ପ୍ରଚାର ଶେଷ ହୋଇଛି। ଶେଷଦିନରେ ଓଲିଉଡ୍ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ପରଜଙ୍ଗ ବ୍ଲକର ୧ନଂ. ଜିଲା ପରିଷଦ ଜୋନରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଜେଡି ପ୍ରାର୍ଥୀ ରୁନୁ ବର୍ମାଙ୍କ ପାଇଁ ବିଭିନ୍ନ ଗ୍ରାମ ବୁଲି ପ୍ରଚାର କରିଛନ୍ତି। ସେ ଦଳୀୟ ସମର୍ଥକଙ୍କ ସହ କୁଆଲୋ, ମାଣିକମରା, ବସୁଲେଇ, ଗେଙ୍ଗୁଟିଆ ଆଦି ପଞ୍ଚାୟତରେ ଶୋଭାଯାତ୍ରା କରିଥିଲେ। ଜିଲା ପରିଷଦ ପ୍ରାର୍ଥିନୀ ରୁନୁ ବର୍ମାଙ୍କ ସମେତ ଜିଲା ପର୍ଯ୍ୟବେକ୍ଷକ ବିଜୟ ନାୟକ, ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା, ବ୍ଲକ ଯୁବ ବିଜେଡି ସଭାପତି ସୁବ୍ରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



# ପୋଲିସ ଶାସକ ଦଳର ଏଜେଣ୍ଟ ସାଜିଛି



ଜିଲାପାଳଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା ଭାଜପା ନେତୃବୃନ୍ଦ।

ଢେଙ୍କାନାଳ ଅଫିସ, ୧୮।୨

ଢେଙ୍କାନାଳ ଜିଲାରେ ହେବାକୁ ଥିବା ଅବଶିଷ୍ଟ ଦୁଇ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନକୁ ଅବାଧ ଏବଂ ନିରପେକ୍ଷ କରିବା ଲାଗି ଭାଜପା ଦାବି କରିଛି। ଏ ନେଇ ଶୁକ୍ରବାର ଅପରାହ୍ନରେ ଦଳର ଏକ ଟିମ୍ ଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛି। ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି, ନିର୍ବାଚନରେ ଶାସକ ଦଳ ହିଂସାତ୍ମକ କାର୍ଯ୍ୟ କରୁଛି। ମଦ, ଅର୍ଥର ବ୍ୟାପକ କାରବାର ହେଉଛି। ପୋଲିସ ନୀରବଦ୍ରଷ୍ଟା ସାଜି ବିଜେଡି ଏଜେଣ୍ଟ ଭାବେ କାର୍ଯ୍ୟ କରୁଛି। ଶାସକ ଦଳ ପକ୍ଷରୁ ଆୟୋଜିତ ବିଶାଳ ଶୋଭାଯାତ୍ରାକୁ ବନ୍ଦ କରିବା ପରିବର୍ତ୍ତେ ପୋଲିସ ପ୍ରୋତ୍ସାହନ ଦେଉଛି। ୧୪ ତାରିଖରେ ଗଁଦିଆ ବ୍ଲକରେ ବିଜେଡିର ବିଶାଳ ଶୋଭାଯାତ୍ରା ଆୟୋଜନ କରାଯାଇଥିବାବେଳେ ସ୍ଥାନୀୟ ଥାନାଧିକାରୀ ପାଖ ମାଡ଼ି ନ ଥିଲେ। ହେଲେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଶାନ୍ତିଶୃଙ୍ଖଳାର ସହିତ ପ୍ରଚାର କରୁଥିବାବେଳେ ଥାନାଧିକାରୀ ଅଯଥା ବାଧା ସୃଷ୍ଟି କରିଥିଲେ। ଏଭଳି ପକ୍ଷପାତିତାକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଗଁଦିଆ ବ୍ଲକ ନିହାଲପ୍ରସାଦରେ ହୋଇଥିବା ବୁଥ୍ ଜବରଦଖଲ, ପୋଲିଂ ଅଫିସରଙ୍କୁ ଆକ୍ରମଣ, ଭୋଟବାକ୍ସ ଉଠାଇ ନେବା, ହିନ୍ଦୋଳ ବ୍ଲକରେ ଅର୍ଥବଳରେ ଭୋଟରଙ୍କୁ ପ୍ରଭାବିତ କରିବା ପଛରେ ଶାସକ ଦଳର ହାତ ରହିଛି। ଆବଶ୍ୟକ ସମୟରେ ପୋଲିସ ଏବଂ ପ୍ରିଜାଇଡିଂ ଅଫିସର ସହଯୋଗ କରୁନାହାନ୍ତି। ୨୦ ଏବଂ ୨୨ ତାରିଖରେ ହେବାକୁ ଥିବା ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ସମାପନ ନ ହେଲେ ଦଳ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଜିଲା ସଭାପତି ନରେଶ ମହାପାତ୍ର, ଜିଲା ସାଧାରଣ ସମ୍ପାଦକ ସୁନୀଲ ଶର୍ମା, ନବକିଶୋର ଗୁରୁ, ସଞ୍ଜୀବ ମହାପାତ୍ର, ନୀରଜ ନଳିନୀ ମହାଳିକ, ମାତୃ ପ୍ରସାଦ ନନ୍ଦ ପ୍ରମୁଖ ଚେତାବନୀ ଦେଇଛନ୍ତି।

**ସ୍ମାରକପତ୍ର ଦେଲା ଭାଜପା**

# ଜଳ ସଂରକ୍ଷଣ ଜରୁରୀ

ଢେଙ୍କାନାଳ ଅଫିସ, ୧୮।୨

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ସନ୍ଥପୁରସ୍ଥିତ ନେହେରୁ ଯୁବକେନ୍ଦ୍ର ସହାୟତାରେ ନ୍ୟୁ ଇଣ୍ଡିଆ ସମ୍ମିଳନୀ କକ୍ଷରେ ଜଳର ସୁପରିଚାଳନା ଉଦ୍ଦେଶ୍ୟରେ ଜନଜାଗରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସନ୍ଥପୁର ଯୁବକ ସଂଘ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନେହେରୁ ଯୁବକେନ୍ଦ୍ରର ଡେପୁଟି ଡାଇରେକ୍ଟର ଅଶୋକ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଜଳ ହିଁ ଜୀବନ। ହେଲେ ମନୁଷ୍ୟକୃତ କାର୍ଯ୍ୟକଳାପରୁ ଭୂତଳ ଜଳପତ୍ତନ ହ୍ରାସ ପାଇବାରେ ଲାଗିଛି। ବର୍ଷାଜଳର ଏକ ବଡ଼ଭାଗ ସମୁଦ୍ରରେ ମିଶିଯାଉଛି। ମଧୁର ଜଳ ପରିମାଣ ମଧ କମିବାରେ ଲାଗିଛି। ଏହାର ସଂରକ୍ଷଣ କରା ନ ଗଲେ ଆଗାମୀ ଦିନରେ ଭୟଙ୍କର ଜଳସଙ୍କଟ ମାଡ଼ିଆସିବ। ଏଥିରୁ ମୁକୁଳିବା ମଣିଷ ପାଇଁ କାଠିକର ପାଠ ହୋଇପଡ଼ିବ। ଏ ଦିଗରେ ବୁଦ୍ଧିଜୀବୀ, ଛାତ୍ରବର୍ଗ, ମହିଳାମାନେ ଏକାଠି ହୋଇ କାମ କରିବା ଉଚିତ ବୋଲି ସେ ଆହ୍ୱାନ ଦେଇଛନ୍ତି। ଅନ୍ୟତମ ଅତିଥି ସାମାଜିକ କର୍ମୀ ଶେଷଦେବ ରାଉତ ଜଳଚକ୍ର ଉପରେ ବିଶଦ୍ ଭାବେ ବୁଝାଇଥିଲେ । ଯୁବକ ସଂଘ କର୍ମକର୍ତ୍ତା, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଆଲୋଚନାରେ ଭାଗ ନେଇଥିଲେ। ନିଗମ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଜଳ ସୁପରିଚାଳନା ସମ୍ପର୍କିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ୨ ବୁଥ୍‌ରେ ପଡ଼ିଲାନି ଖଣ୍ଡିଏ ଭୋଟ



ଭୋଟ ବର୍ଜନ କରି ଦୁର୍ଗାପ୍ରସାଦ ଗ୍ରାମବାସୀ ଧାରଣାରେ ବସିଛନ୍ତି।

- ଦାବି ସତ୍ତ୍ୱେ ମିଳିଲାନି ରାଜସ୍ୱ ଗ୍ରାମ ମାନ୍ୟତା
- ଭୋଟବର୍ଜନ କଲେ ଦୁର୍ଗାପ୍ରସାଦ ଗ୍ରାମବାସୀ

ଢେଙ୍କାନାଳ ଅଫିସ, ୧୮।୨

ଅନୁରୋଧ କଲେ। ଦାବି ଜଣାଇଲେ। ପ୍ରତିବାଦ କଲେ। ହେଲେ ଲୋକମାନଙ୍କ ସମସ୍ୟାକୁ କେହି ଗୁରୁତ୍ୱ ଦେଲେନି କି ଦୁର୍ଗାପ୍ରସାଦକୁ ମିଳିଲାନି ରାଜସ୍ୱ ମୌଜା ମାନ୍ୟତା। ଅଞ୍ଚଳବାସୀଙ୍କ ସମ୍ମାନ ଓ ଭାବାବେଗ ସହିତ ଜଡ଼ିତ ଏହି ପ୍ରସଙ୍ଗରେ ପ୍ରଶାସନିକ ଉଦାସୀନତାର ଜବାବ ଭୋଟବର୍ଜନ କରି ଦେଇଛନ୍ତି ଅଞ୍ଚଳବାସୀ। ଗ୍ରାମର ଜଣେ କେହି ଭୋଟର ମତଦାନ କରି ନ ଥିବାରୁ ଖାଲି ଭୋଟ ବାକ୍ସ ନେଇ ଫେରିଛନ୍ତି ପୋଲିଂ ପାର୍ଟି। ଚଳିତ ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀ ଅପହରଣ, ରାଜନୈତିକ ହିଂସା, ବାଲଟ ବାକ୍ସ ଲୁଟ୍ ଭଳି ଘଟଣାକୁ ନେଇ ରାଜ୍ୟ ରାଜନୀତିରେ ଢେଙ୍କାନାଳ ଜିଲା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ବେଳେ ଦୁର୍ଗାପ୍ରସାଦ ଗ୍ରାମବାସୀଙ୍କ ଭୋଟବର୍ଜନ ପ୍ରଶାସନିକ ଅବହେଳାର କଡ଼ା ଜବାବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ କହିଛନ୍ତି।

୨ ୱାର୍ଡ ବିଶିଷ୍ଟ ଦୁର୍ଗାପ୍ରସାଦ ଗ୍ରାମର ୧୧ନଂ. ବୁଥରେ ୪୧୪ ଏବଂ ୧୨ନଂ. ବୁଥରେ ୪୨୪ ଭୋଟର ଅଛନ୍ତି। ବ୍ଲକର ସାମାଜିକ, ସାଂସ୍କୃତିକ ବିକାଶରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଏହି ଗ୍ରାମକୁ ରାଜସ୍ୱ ମୌଜା ମାନ୍ୟତା ଦେବା ଲାଗି ୨୦୦୯ରୁ ପ୍ରଶାସନିକ ପ୍ରତିଶ୍ରୁତି ମିଳିଥିଲେ ମଧ ତାହା ଏଯାଏ ପୂରଣ ହୋଇନାହିଁ। ପ୍ରତିବାଦ ସ୍ୱରୂପ ଗତ ଜାନୁୟାରୀ ୨୮ରେ ଗ୍ରାମବାସୀ ଭୋଟବର୍ଜନ କରିବା ଲାଗି ଚେତାବନୀ ଦେବାସହ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ନିର୍ବାଚନ ପୂର୍ବରୁ ଜିଲାପାଳ ଗ୍ରାମକୁ ଯାଇ ସେଠାକାର ଲୋକଙ୍କ ସହିତ ଆଲୋଚନା କରିଥିଲେ ମଧ ସମାଧାନର ପନ୍ଥା ବାହାରି ନ ଥିଲା। ଫଳରେ ପୂର୍ବ ନିଷ୍ପତ୍ତି ଅନୁଯାୟୀ ଗ୍ରାମବାସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ହୋଇଥିବା ମତଦାନ କେନ୍ଦ୍ର ଆଗରେ ଟାୟାରଜାଳି ଧାରଣା ଦେବା ସହିତ ଭୋଟ ବର୍ଜନ କରିଥିଲେ। ଏ ସଂକ୍ରାନ୍ତରେ ଜିଲାପାଳ ସରୋଜ କୁମାର ସେଠୀ କୁହନ୍ତି, ଦୁର୍ଗାପ୍ରସାଦକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ ଲାଗି କିଛି କାର୍ଯ୍ୟ ବାକି ରହିଛି। ଏଥିଲାଗି ସମୟ ଲାଗିବ। ସମସ୍ୟାର ସମାଧାନ ଲାଗି ଦୃଷ୍ଟି ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

# ମହୁଲପୁଞ୍ଜିରେ ୫ ଘଣ୍ଟା ବିଳମ୍ବରେ ମତଦାନ

ଏକ କୁକୁଡ଼ା ଫାର୍ମ ପାଇଁ ପ୍ରଦୂଷଣ ସମସ୍ୟାରେ ଘାଣ୍ଟି ହେଉଥିବା ଭାପୁର ପଞ୍ଚାୟତର ମହୁଲପୁଞ୍ଜି ଗ୍ରାମବାସୀ ଭୋଟ ବର୍ଜନ କରି ପ୍ରତିବାଦ କରିଥିଲେ। ତେବେ ପ୍ରଶାସନିକ ଅଧିକାରୀମାନେ ଅସନ୍ତୁଷ୍ଟ ଲୋକଙ୍କ ମାନଭଞ୍ଜନ କରିବା ପରେ ଦୀର୍ଘ ୫ ଘଣ୍ଟା ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା।

ମହୁଲପୁଞ୍ଜି ଗ୍ରାମରେ ଥିବା ଏକ କୁକୁଡ଼ା ଫାର୍ମ ଯୋଗୁ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଦୁର୍ଗନ୍ଧରେ ନାକ ଫାଟୁଛି। ଏ ନେଇ ଅଞ୍ଚଳବାସୀ ପ୍ରଶାସନକୁ ଅବଗତ କରାଇଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏହାର ପ୍ରତିବାଦରେ ୧୭, ୧୮ ଏବଂ ୧୯ନଂ. ବୁଥ୍‌ର ୯୦୦ରୁ ଊର୍ଦ୍ଧ୍ୱ ଭୋଟର ଭୋଟବର୍ଜନ କରିଥିଲେ।

**କୁକୁଡ଼ା ଫାର୍ମ ପ୍ରଦୂଷଣରେ ଅଣନିଃଶ୍ୱାସୀ**

ସୂଚନା ପାଇ ଜିଲାପାଳ ସରୋଜ କୁମାର ସେଠୀ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ସଦର ଥାନାଧିକାରୀ ଅଭିନବ ଡାଲୁଆ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ପ୍ରଶାସନ ପକ୍ଷରୁ ନିର୍ଭର ପ୍ରତିଶ୍ରୁତି ମିଳିବା ପରେ ମଧ୍ୟାହ୍ନ ୧୨ଟାରୁ ଉକ୍ତ ୩ ବୁଥରେ ଭୋଟ ଗ୍ରହଣ ଆରମ୍ଭ ହୋଇଥିଲା। ଏ ସଂକ୍ରାନ୍ତରେ ଜିଲାପାଳ କୁହନ୍ତି, ମହୁଲପୁଞ୍ଜି ଗ୍ରାମବାସୀଙ୍କ ସମସ୍ୟା ସମାଧାନ ଲାଗି ୫ ଜଣିଆ କମିଟି ଗଠନ କରାଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କର୍ତ୍ତୃପକ୍ଷଙ୍କୁ ଡକାଇ ଏହାର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି।



ମହୁଲପୁଞ୍ଜି ଗ୍ରାମବାସୀଙ୍କ ସହିତ ଜିଲାପାଳ ଆଲୋଚନା କରୁଛନ୍ତି।

